A Newsletter of TPSODL

# ଅରୁଣିମା Arunima

Vol-1 | Issue 4 | February - March 2024

## CEO's Desk



Amit Kumar Garg
CEO

*As we approach the close of another impactful financial year, I want to take a moment to reflect on our collective achievements and extend my gratitude to every one of you for your dedication, resilience, and hard work.*

*Despite the challenges of Last year, we have shown a remarkable improvement. We have become the first in Odisha to implement SCADA-enabled APSCC in every circle fully. This has helped us monitor power outages in real time, reducing the time for restoration. Recently, we have signed MoU with 4 Government ITIs (Industrial Training institutions), that is Berhampur, Hinjilicut, Rayagada, and Jeypore. This will create a linkage between academic and industrial learning, and make the students industry-ready, which will contribute to their employability.*

*We recently celebrated our much-awaited annual Fest Ullas, celebrating the talent of our employees. This is a reminder to keep our hobbies and interests alive.*

*Learning from our past experiences we have been prepared for summer, already deploying our ground staff on the field and upgrading our technology. In this upcoming financial year let's rededicate ourselves to the pursuit of excellence.*

## ଟାଟା ଅଲଟ୍ରା ମାରାଥନରେ ସୀମାଦ୍ରି ଓ ସନ୍ତୋଷୀଙ୍କ ସଫଳତା




ପେଶାଦାର କର୍ମଜୀବନରେ ଯେତେ ଖେଳାଖେଳି କରିବା ଜରୁରୀ । କର୍ପୋରେଟ୍ ପେଶା ରଖି ହେବ, ତାହାର ଉଦାହରଣ ସାଜିଛନ୍ତି ଅଫିସର ସୀମାଦ୍ରି ମଣିକାନ୍ତା ଓ ଆସିଷ୍ଟାଣ୍ଟ ଅଫିସର ଆୟୋଜିତ ଟାଟା ଅଲଟ୍ରା ମାରାଥନରେ ଭାଗ ନେଇ କିମି ମାରାଥନ ଓ ସନ୍ତୋଷୀ ୩୫ କିମି ମାରାଥନକୁ ଅଧ୍ୟକ୍ଷ ନଟରାଜନ୍ ଚନ୍ଦ୍ରଶେଖରନ୍ ମାରାଥନରେ ଅଧିକାରୀ ଶ୍ରୀ ଅମିତ ଗର୍ଗଙ୍କ ଉପସ୍ଥିତିରେ କମ୍ପାନୀ ବ୍ୟସ୍ତ ରହିଲେ ମଧ୍ୟ ଶରୀରକୁ ଫିଟ୍ ରଖିବା ପାଇଁ ସହ ନିଜର ଆଥଲେଟିକ୍ ନିଶାକୁ ମଧ୍ୟ ଯେ ଜାରି ଟିପିଏସ୍ଓଡିଏଲ୍ର ହେଲ୍ଥ ଓ ଫିଟନେସ୍ ସନ୍ତୋଷୀ ଗୌଡ଼ । ମହାରାଷ୍ଟ୍ରର ଲୋନାୱାଲାରେ ସେମାନେ ସଫଳତା ଆଣିଛନ୍ତି । ସୀମାଦ୍ରି ୫୦ ସଫଳତାର ସହ ଶେଷ କରିଥିଲେ । ଟାଟା ସନ୍ସ ଉପସ୍ଥିତ ଥିଲେ। କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ପକ୍ଷରୁ ଉଭୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ମାରାଥନର ଅନୁଭୂତି ବାଣ୍ଟିଛନ୍ତି ସୀମାଦ୍ରି ଓ ସନ୍ତୋଷୀ ।

ସୀମାଦ୍ରି ଓ ସନ୍ତୋଷୀ, ଉଭୟ ରାଜ୍ୟ ଓ ଜାତୀୟ ସ୍ତରର ଆଥଲେଟିକ୍ରେ ପୂର୍ବରୁ ଖେଳି ସାରିଛନ୍ତି । ମାତ୍ର ୯ ବର୍ଷ ବୟସରେ ସୀମାଦ୍ରି ଖୋ ଖୋ ରେ ଜାତୀୟ ସ୍ତରରେ ଖେଳିଥିଲେ । ବର୍ତ୍ତମାନ ପ୍ରଥମ କରି ସେମାନେ ଟାଟା ପକ୍ଷରୁ ଆୟୋଜିତ ମାରାଥନରେ ଭାଗ ନେଇଛନ୍ତି । ଲୋନାୱାଲା ଭଳି ପାହାଡ଼ି ଅଞ୍ଚଳରେ ମାରାଥନ ହୋଇଥିଲା । ସମୁଦ୍ର ପତ୍ତନରୁ ୮୦୦ ମିଟର ଉଚ୍ଚରେ ମାରାଥନ ଦୌଡ଼ିବା ଏତେ ସହଜ ନଥିଲା ବୋଲି କୁହନ୍ତି ସନ୍ତୋଷୀ । ସେ କହିଛନ୍ତି, 'ଭୋର ୩ ଟାରେ ମାରାଥନ ଆରମ୍ଭ ହୁଏ । ଓଡ଼ିଶାର ପାଣିପାଗଠାରୁ ଲୋନାୱାଲାର ଜଳବାୟୁ ଅଲଗା । ସେଠାରେ ଅଧିକ ଥଣ୍ଡା ସହ ଅମ୍ଳଜାନର ମାତ୍ରା କମ ଥିବାରୁ ଅନେକ ଆହ୍ୱାନକୁ ସାମ୍ନା କରିବାକୁ ପଡିଥିଲା । ଆୟୋଜକଙ୍କ ତରଫରୁ ଖେଳାଳିଙ୍କ ପାଇଁ ସବୁ ବ୍ୟବସ୍ଥା କରାଯାଇଥିଲା । କିଛି କିଛି ଦୂର ବ୍ୟବଧାନରେ ପ୍ରାଥମିକ ଚିକିତ୍ସା ଶିବିର ସହ ପିଇବା ପାଣି ସୁବିଧା ଥିଲା ।'

ଏହି ମାରାଥନରେ ପ୍ରାୟ ୨୦ ହଜାରରୁ ଅଧିକ ଲୋକ ଭାଗ ନେଇଥିଲେ ଓ ସେମାନଙ୍କ ଭିତରେ ଏମିତି କିଛି ଲୋକ ଥିଲେ, ଯାହାଙ୍କ ବୟସ ୫୦ରୁ ଉର୍ଦ୍ଧ୍ୱ ବୋଲି ସୀମାଦ୍ରି କହିଛନ୍ତି । ବୟସ୍କ ଲୋକଙ୍କ ସାହସ ଓ ଫିଟନେସ୍ ସୀମାଦ୍ରିଙ୍କୁ ପ୍ରେରଣା ଦେଇଥିଲା । ଟିପିଏସ୍ଓଡିଏଲ୍ ପକ୍ଷରୁ ସେମାନଙ୍କୁ କ୍ରୀଡ଼ା ଉପକରଣ ପ୍ରଦାନ କରାଯାଇଥିଲା। ଟିପିଏସ୍ଓଡିଏଲ୍ରେ କର୍ମଚାରୀମାନଙ୍କୁ କ୍ରୀଡ଼ା ପ୍ରତି ପ୍ରୋତ୍ସାହିତ କରାଯାଉଥିବା ହେତୁ ସେଥିରୁ ପ୍ରେରଣା ପାଇ ସଫଳତା ପାଇଥିବା କହିଛନ୍ତି ସୀମାଦ୍ରି ଓ ସନ୍ତୋଷୀ ।

WHAT'S INSIDE

EXECUTIVE SPOTLIGHT 2
'ମାଲକାନଗିରିର ଲୋକନୃତ୍ୟ ହୃଦୟସ୍ପର୍ଶୀ': ବିମାନ ଘୋଷ
EVENT HUB 5
Sports meet for its BA employees
INSPIRING VOICE 3
ଲୋକେ ଲାଇନମ୍ୟାନଙ୍କୁ ଭାରି ସମ୍ମାନ ଦିଅନ୍ତି - ରାଜେଶ ମହାରଣା
IN FOCUS 6
ସୁନାବେଢ଼ାରେ ନୂତନ ସବ ଡିଭିଜନ୍ କାର୍ଯ୍ୟାଳୟ
OPERATIONAL EXCELLENCE 4
Drone for Smarter Safety Monitoring
TRAVEL TREASURES 7
ପ୍ରକୃତିର ଅନନ୍ୟ ଉପହାର 'ଗୁପ୍ତେଶ୍ୱର'

Executive Spotlight

# 'ମାଲକାନଗିରିର ଲୋକନୃତ୍ୟ ହୃଦୟସ୍ପର୍ଶୀ': ବିମାନ ଘୋଷ

**ଟିପିଏସ୍‌ଓଡିଏଲର ଟେକ୍ନୋଲୋଜି ଚିଫ୍ ଭାବେ କାର୍ଯ୍ୟରତ ଅଛନ୍ତି ଶ୍ରୀ ବିମାନ ଘୋଷ। ଦୀର୍ଘ ୨୭ ବର୍ଷର ଅଭିଜ୍ଞତା ସହ ସେ ନୂତନ ଜ୍ଞାନକୌଶଳ ଏବଂ ଅଭିନବ ପ୍ରଯୁକ୍ତିବିଦ୍ୟା ସହ ବେଶ ପରିଚିତ। ଏଥର 'ଆଳାପ'ରେ ଶ୍ରୀ ଘୋଷ :**

**ଆପଣଙ୍କ ସ୍ମୃତିରେ ଓ ନଜରରେ ଓଡ଼ିଶା କେମିତି ?**

ମୁଁ ୧୯୯୭ରୁ ଓଡ଼ିଶା ସହ ଜଡ଼ିତ । ୧୯୯୭ରେ ଚାକିରି ପାଇଲି, ତା'ପରେ ୬ ମାସର ତାଲିମ । ପରେ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡରେ ପରାମର୍ଶଦାତା ଭାବେ ନିଯୁକ୍ତ ହେଲି । ମୁଁ ଏନ୍‌ଆଇଟି ଦୁର୍ଗାପୁରର ଛାତ୍ର । ମୋ ଚାକିରି ଜୀବନର ପ୍ରଥମ ପାଞ୍ଚ ବର୍ଷ ପ୍ରଗତିର ବର୍ଷ ଥିଲା। ସେସମୟ ମୁଁ ଓଡ଼ିଶାରେ କାଟିଛି । ଏହାପରେ ଦିଲ୍ଲୀ ଟାଟା ପାୱାରରେ ୧୭ ବର୍ଷ ଚାକିରି ଜୀବନ । ଗଲା ୧୭ ବର୍ଷ ମଧ୍ୟରେ ଓଡ଼ିଶା ଫେରିବାର ସୁଯୋଗ ମୋତେ ମିଳିନଥିଲା । ଓଡ଼ିଶା ସମ୍ପର୍କରେ କହିବି, ଏହା ସାମଗ୍ରିକ ଭାବେ ପ୍ରଗତି କରୁଥିବା ଏକ ରାଜ୍ୟ । ଆସନ୍ତା ୪ରୁ ପାଞ୍ଚ ବର୍ଷ ମଧ୍ୟରେ ଓଡ଼ିଶା ଦେଶର ଏକ ଅଗ୍ରଣୀ ଉଦ୍ୟୋଗ କେନ୍ଦ୍ରରେ ପରିଣତ ହେବ । ରାଜ୍ୟ ସରକାର ରାଜ୍ୟର ସର୍ବାଙ୍ଗୀନ ବିକାଶ ତଥା ରାଜ୍ୟବାସୀଙ୍କର ସ୍ୱାର୍ଥ ପ୍ରତି ଧ୍ୟାନ କେନ୍ଦ୍ରୀଭୂତ କରିଛନ୍ତି ।



**ଅବସର ସମୟକୁ ଆପଣ କେମିତି କାଟନ୍ତି, ଯେମିତି ସିନେମା, ସଙ୍ଗୀତ କିମ୍ବା କ୍ରୀଡ଼ା, ଏସମ୍ପର୍କରେ କ'ଣ କହିବେ ?**

ସଙ୍ଗୀତ ମୋତେ ଭଲ ଲାଗେ । 'ସା ରେ ଗା ମା ପା' ଭଳି ରିଆଲିଟି ସୋ' ଦେଖିବା ମୋତେ ପସନ୍ଦ । ବିଶେଷ ଭାବେ କିଶୋର କୁମାର ଓ ଲତା ମଙ୍ଗେସକର ମୋର ପସନ୍ଦର ଗାୟକ-ଗାୟିକା । ବ୍ୟସ୍ତବହୁଳ ଜୀବନରେ ଯେବେଯେବେ ସମୟ ମିଳେ, ମୁଁ ସଙ୍ଗୀତ ଶୁଣେ । ମୋ ପାଖରେ ଏକ ଭଲ ମ୍ୟୁଜିକ୍ କଲେକସନ୍ ମଧ୍ୟ ଅଛି । ମୋତେ ପଢ଼ିବାକୁ ମଧ୍ୟ ଭଲ ଲାଗେ । ମୋର ନିଜର ଛୋଟ ପାଠାଗାରଟିଏ ଅଛି । ସନ୍ଧ୍ୟାରେ ପଢ଼ାକୁ ସମୟ ଦିଏ । ସିନେମା ଦୁନିଆରେ କଳାକାର ଭାବେ ଆମିର ଖାନଙ୍କୁ ମୁଁ ବହୁତ୍ ପସନ୍ଦ କରେ । ଭାରି ବାସ୍ତବବାଦୀ କଳାକାର ସେ । ବିଶେଷ କରି 'ଥ୍ରି ଇଡିଅଟ୍ସ' ସିନେମାରେ ତାଙ୍କ ଅଭିନୟ ପ୍ରଭାବଶାଳୀ। ସିନେମାର ଏକ ଦୃଶ୍ୟରେ ସେ ଏକ ଜଟିଳ ବିଷୟକୁ ଏକଦମ ସରଳ ଭାବେ ବୁଝାଉଛନ୍ତି । ସମସ୍ତେ ସହଜରେ ବୁଝିବା ଢଙ୍ଗରେ । ମୁଁ ସଦାସର୍ବଦା ମୋର ସହକର୍ମୀମାନଙ୍କୁ ସେହିଭଳି ଢ଼ଙ୍ଗରେ କାମ କରିବାକୁ ପରାମର୍ଶ ଦିଏ । ସହଜ ଓ ପ୍ରଭାବଶାଳୀ ଢଙ୍ଗରେ ଘଟଣାକୁ ବର୍ଣ୍ଣନା କରିବା ବେଶ ଗୁରୁତ୍ୱପୂର୍ଣ୍ଣ । ଆମିର ଖାନ୍ ସଦାସର୍ବଦା ଅଭିନୟରେ ନିଜ ନିଷ୍ଠାପରତା ଓ କଠିନ ପରିଶ୍ରମକୁ ପ୍ରାଥମିକତା ଦିଅନ୍ତି । ସିନେମା ସ୍କ୍ରିନରେ ତାଙ୍କର ଅଭିନୟ ପ୍ରତି ଥିବା ନିଷ୍ଠା ସ୍ପଷ୍ଟ ବାରି ହୋଇପଡ଼େ ।

**ଭୌଗୋଳିକ ଦୃଷ୍ଟିକୋଣରୁ ଦକ୍ଷିଣ ଓଡ଼ିଶା ରାଜ୍ୟର ସବୁଠାରୁ କଷ୍ଟସାଧ୍ୟ ଅଞ୍ଚଳ । ଏହି ଅଞ୍ଚଳର ବିକାଶରେ ପ୍ରଯୁକ୍ତିବିଦ୍ୟାର ଭୂମିକାକୁ କିଭଳି ଦେଖୁଛନ୍ତି ?**

ଦକ୍ଷିଣ ଓଡ଼ିଶାର ଶୋଭା ଚମତ୍କାର । ଅପରପାର୍ଶ୍ୱରେ ବେଶ କଷ୍ଟସାଧ୍ୟ ମଧ୍ୟ । ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଓ ଏକତ୍ରୀକରଣ ଏଠାକାର ବିକାଶର ଏକମାତ୍ର ବିକଳ୍ପ । ଆମେ ଏଠାରେ ସ୍କାଡା, ଏଡିଏମ୍‌ଏସ୍ ଓ ଜିଆଇଏସ୍ ବ୍ୟବସ୍ଥାକୁ ଲାଗୁ କରିଛୁ । ଜିଆଇଏସ୍ କମ୍ପାନୀର ସମସ୍ତ ସର୍କଲରେ କାର୍ଯ୍ୟକ୍ଷମ । କିଛି ମାସ ମଧ୍ୟରେ ସମସ୍ତ ଉପଭୋକ୍ତାଙ୍କୁ ଜିଆଇଏସରେ ସାମିଲ କରିବା ଆମ ଲକ୍ଷ୍ୟ । ପ୍ରତିଯୋଗିତାର ଏହି ସମୟରେ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଅତ୍ୟାବଶ୍ୟକ ହୋଇପଡ଼ିଛି । ପ୍ରଯୁକ୍ତିବିଦ୍ୟାର ପ୍ରୟୋଗରେ ଆମେ ପାଦେ ଆଗରେ ରହିବାକୁ ଚାହୁଁଛୁ ଓ ଅଛୁ ମଧ୍ୟ । କମ୍ପାନୀର ୧୩୭ଟି ପ୍ରାଇମେରୀ ସବଷ୍ଟେସନ ସ୍କାଡା ସହ ସଂଯୁକ୍ତ । ପାହାଡ଼ ପର୍ବତ ଘେରା ଦକ୍ଷିଣ ଓଡ଼ିଶା ଯୋଗାଯୋଗ ଦୃଷ୍ଟିକୋଣରୁ କଷ୍ଟସାଧ୍ୟ । ମାତ୍ର ସ୍କାଡା ସହ ପ୍ରାଇମେରୀ ସବଷ୍ଟେସନର ଏକତ୍ରୀକରଣ ଓ କେନ୍ଦ୍ରୀଭୂତ ପିଏସସିସି, ଆମ କାମକୁ ସହଜ କରିଛି । ଚଳିତ ଆର୍ଥିକ ବର୍ଷ ସୁଦ୍ଧା ୧୫୦ ପିଏସ୍‌ଏସକୁ ସ୍କାଡା ସହ ସଂଯୋଗ କରାଯିବା ଲକ୍ଷ୍ୟ ରହିଛି । ସେହିଭଳି ସମସ୍ତ ସର୍କଲରେ ଏପିଏସସିସି ପ୍ରତିଷ୍ଠା ହୋଇଛି ।

କିଛି ମାସ ମଧ୍ୟରେ ଏଫସିସି-2.0 ଆରମ୍ଭ ହେବାକୁ ଯାଉଛି । ଯାହା ଗ୍ରାହକ ସେବାକୁ ଅଧିକ ମଜଭୁତ କରିବ । ଅଭିଯୋଗର ତୁରନ୍ତ ସମାଧାନ ହେବା ସହ କାର୍ଯ୍ୟକ୍ଷେତ୍ରରେ ଥିବା କର୍ମଚାରୀଙ୍କ ସହ ଯୋଗାଯୋଗ ସହଜ ହେବ । ଜିଆଇଏସ୍, ଏଡିଏମ୍‌ଏସ୍, ସିଆଇଏସ୍ ଓ କଲ୍ ସେଣ୍ଟର ଆପ୍ଲିକେସନ୍ ଆଧାରରେ ଏହା କାର୍ଯ୍ୟ କରିବ ।

**କର୍ପୋରେଟ ଜୀବନରେ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟର ଭୂମିକାକୁ ଆପଣ କିଭଳି ଦେଖନ୍ତି?**

କର୍ପୋରେଟରେ କାମ କରୁଥିବା ପ୍ରତ୍ୟେକ ବ୍ୟକ୍ତି ଶାରୀରିକ, ମାନସିକ ଓ ଆଧାତ୍ମିକ ଦୃଷ୍ଟିକୋଣରୁ ସୁସ୍ଥ ରହିବା ଆବଶ୍ୟକ । ସୁସ୍ଥ ରହିବା ପାଇଁ ମୁଁ ପ୍ରତିଦିନ ଯୋଗ କରେ । ମୋ ଘରେ ଏକ ଛୋଟ ଜିମ୍ ଅଛି । ସେଠାରେ ପ୍ରତିଦିନ ସକାଳେ ବ୍ୟାୟାମ କରେ । ଏକ ସନ୍ତୁଳିତ ଜୀବନଶୈଳୀ ପାଇଁ ଉଭୟ ଶାରୀରିକ ଅଭ୍ୟାସ ଓ କର୍ମକ୍ଷେତ୍ରକୁ ସମାନ ଗୁରୁତ୍ୱ ଦିଏ । ଈଶ୍ୱରଙ୍କ ସତ୍ତାକୁ ନିଜ ଭିତରେ ଅନୁଭବ କରିବା ପାଇଁ ପୂଜା ଓ ଧ୍ୟାନ ମଧ୍ୟ କରେ । ପିଲାବେଳୁ ଭଲିବଲ୍, କବାଡ଼ି, କ୍ରିକେଟ୍ ଭଳି ଅନେକ ଖେଳ ଖେଳିଛୁ । ଶାରିରୀକ ଅଭ୍ୟାସ ଓ କ୍ରୀଡ଼ା ମୋତେ କର୍ମକ୍ଷେତ୍ରରେ ଅଧିକ ଧ୍ୟାନ ସହକାରେ କାର୍ଯ୍ୟ କରିବାକୁ ଉର୍ଜା ଯୋଗାଏ ।

**ଦକ୍ଷିଣ ଓଡ଼ିଶାର ଲୋକଙ୍କୁ ଆପଣ କିଭଳି ବର୍ଣ୍ଣନା କରିବେ ?**

ମୁଁ କହିବି, ଦକ୍ଷିଣ ଓଡ଼ିଶାର ଲୋକେ ଚମତ୍କାର । ବେଶ ମେଳାପୀ ମଧ୍ୟ । ଏଠାକାର ଲୋକେ ଦୟାଳୁ, ଜିଜ୍ଞାସୁ ଓ ବେଶ ଆଧାତ୍ମିକ । ନିଜର ସଂସ୍କୃତି ଓ ପରମ୍ପରା ପ୍ରତି ଭାରି ଯତ୍ନଶୀଳ। ଏଦିଗରେ ସେମାନଙ୍କ ପ୍ରତିବଦ୍ଧତା ପ୍ରଶଂସାଯୋଗ୍ୟ । ମାଲକାନଗିରିର ଲୋକନୃତ୍ୟ ଓ ସଙ୍ଗୀତ ମୋର ଏବେ ମଧ୍ୟ ମନେ ଅଛି। ତାହା ହୃଦୟସ୍ପର୍ଶୀ ଓ ଅବିସ୍ମରଣୀୟ ।

## Inspiring Voices

# ଲୋକେ ଲାଇନମ୍ୟାନଙ୍କୁ ଭାରି ସମ୍ମାନ ଦିଅନ୍ତି - ରାଜେଶ ମହାରଣା

ବିଜୁଳି ଯୋଗାଣକୁ ସହଜ କରିବା ପାଇଁ ଲାଇନମ୍ୟାନଙ୍କ ଭୂମିକା ସଦା ଗୁରୁତ୍ୱପୂର୍ଣ୍ଣ । ସବୁ ସମୟ-ଅସମୟରେ କିଭଳି ନିରବଚ୍ଛିନ୍ନ ଓ ଭରସାଯୋଗ୍ୟ ବିଜୁଳି ସେବା ମିଳିବ, ତାହା ଏମାନଙ୍କର ପ୍ରାଥମିକତାରେ ରହିଆସିଛି। ବିଜୁଳି ଭିତ୍ତିଭୂମିକୁ ସଜାଡିବା କ୍ଷେତ୍ରରେ ଲାଇନମ୍ୟାନଙ୍କର ପ୍ରତିବଦ୍ଧତା ହିଁ ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇ ପାରିଛି । ଆସନ୍ତୁ ଭେଟିବା ସେହିଭଳି ଜଣେ ଲାଇନମ୍ୟାନଙ୍କୁ । ନିଜର ଲମ୍ବା କର୍ମଜୀବନରେ ସେ ଦେଖିଛନ୍ତି, ବହୁ ପ୍ରାକୃତିକ ବିପର୍ଯ୍ୟୟ। ବିଜୁଳି ଭିତ୍ତିଭୂମିକୁ ସଜାଡିବା କ୍ଷେତ୍ରରେ ଥିବା ଆହ୍ୱାନକୁ ନେଇ ତାଙ୍କ ଅନୁଭବ ପ୍ରେରଣାଦାୟକ ।



ଜୟପୁର ଇଲେକ୍ଟ୍ରିକାଲ୍ ସେକ୍ସନରେ କାର୍ଯ୍ୟରତ ରାଜେଶ ମହାରଣା ଗଲା ୨୦ ବର୍ଷ ଧରି ଲାଇନମ୍ୟାନ ଭାବେ କାମ କରୁଛନ୍ତି। ଏଇ ଭିତରେ, ଦକ୍ଷିଣ ଓଡିଶା, ପ୍ରଖର ଗ୍ରୀଷ୍ମ ପ୍ରବାହଠାରୁ ଆରମ୍ଭ କରି ଭୟଙ୍କର ବାତ୍ୟା ଓ କାଳବୈଶାଖୀ ପର୍ଯ୍ୟନ୍ତ ସବୁ ଦେଖିଛି । ଏସବୁ ଲାଇନମ୍ୟାନଙ୍କ ଜୀବନରେ ଏକ କଠିନ ପରୀକ୍ଷା ଭଳି ।

ରାଜେଶ କହିଛନ୍ତି, "ଝଡ ଛାଡ଼ିଯିବା ପରେ ବିଜୁଳି ପାଇଁ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଏ । ଆମେମାନେ ଦିନରାତି କାମ କରିବା ପରେ ମଧ୍ୟ ଅଚଳାବସ୍ଥା ହଟିବାକୁ ସମୟ ଲାଗେ । ଯାହା ସମ୍ଭବ ତାହା କରୁ । ବିଜୁଳି ପହଞ୍ଚିଗଲେ, ଯେଉଁ ଖୁସି ମିଳେ ତାହା ଶବ୍ଦରେ ବର୍ଣ୍ଣନା କରିପାରିବିନି। ସେମିତି, ପାହାଡ-ଜଙ୍ଗଲରେ ଭରା ଦକ୍ଷିଣ ଓଡିଶା ମୋତେ ଅନେକ କଥା ଶିଖାଇଛି। କେବେ କେବେ ସକାଳୁ ସଞ୍ଜ ଲାଗିଯାଏ, ପାହାଡ ସେପାଖ ଗାଁରେ ପହଞ୍ଚୁ ପହଞ୍ଚୁ । ଅନେକ ବାର ମୁଁ ଓ ମୋର ସହକର୍ମୀମାନେ ପାହାଡ ସେପାଖ ଗାଁଗୁଡିକରେ ରାତିରେ ରହିଛୁ । ବିଜୁଳି କାମ ସରୁ ସରୁ ବେଳ ବୁଡିଯାଏ। ମୁହଁ ଅନ୍ଧାରରେ ପାହାଡୀ ରାସ୍ତା ଦେଇ ଆସିବା କଷ୍ଟ । ରାତିରେ ରହିବା ବେଳେ ବେଶ ମିଶୁ ସେହି ଲୋକମାନଙ୍କ ସହ । ଆମକୁ ଭାରି ମାନ-ସମ୍ମାନ ଦିଅନ୍ତି । ଏସବୁ ଅନୁଭୂତି ଭାରି ଚମତ୍କାର ।

ରାଜେଶ ଆହୁରି ମଧ୍ୟ କହିଛନ୍ତି ଯେ, "ଆଗ ଭଳି ବିଜୁଳି ସମସ୍ୟା ଏବେ ନାହିଁ। ସେତେବେଳେ ଗାଁଠାରୁ ବହୁ ଦୂରରେ ଫ୍ୟୁଜ୍ କଲ୍ ସେଣ୍ଟର ଥିଲା। ବିଜୁଳି ଚାଲିଗଲେ ନାହିଁ ନଥିବା କସରତ କରିବାକୁ ପଡୁଥିଲା। ଏବେ ସମୟ ସହ ବେଶ ଆଗକୁ ବଢିଆସିଛୁ ଆମେ । ଲୋକଙ୍କ ସହ ଯୋଗାଯୋଗ ବି ଭାରି ସହଜ ହୋଇସାରିଛି । କମ୍ପାନୀ ତରଫରୁ ମିଳୁଥିବା ସରଞ୍ଜାମ ବି କାମକୁ ସହଜ କରୁଛି। ସୁରକ୍ଷା ଉପକରଣ ପିନ୍ଧିବାର ଅଭ୍ୟାସ ନଥିବାରୁ ପ୍ରଥମେ ପ୍ରଥମେ ଭାରି ଅଖାଡୁଆ ମନେ ହେଉଥିଲା । ହେଲେ ଏବେ ସେସବୁରେ ବି ଖାପ ଖାଇଗଲୁଣି।"

ଲାଇନମ୍ୟାନମାନଙ୍କର କର୍ତ୍ତବ୍ୟ ପରାୟଣତା ଆମ ସମସ୍ତଙ୍କ ପାଇଁ ଏକ ଅଦୃଶ୍ୟ ପ୍ରେରଣା ଭଳି। ଅନେକ ସଂଘାତ ମଧ୍ୟରେ ରାଜେଶ ନିଜର କର୍ମଜୀବନର ଯାତ୍ରାକୁ ସୁଖଦ ଅନୁଭୂତି ବୋଲି କହିଛନ୍ତି।



TPSODL

## TPSODL gears up to meet power demand for this summer

- Addition of new 100 KVA DTR transformer will improve the quality of power supply in the area, mitigating low voltage issues.
- Around 200 households will be benefitted from this upgradation work.

Gobindpur Village

# DRONE FOR SMARTER SAFETY MONITORING



In the traditional method of monitoring, manual interventions were mandatory to be aware of on-field situations. All those traditional practices are now a thing of the past. In TPSODL, monitoring is smarter, faster, and safer now. Company's adoption of drone technology made this revolutionary change in the field of safety and operational monitoring. This technology is made possible due to TPSODL's core belief and commitment to utmost safety.

Currently, drone-based monitoring is operational in all of its six circles. Drones have the ability to provide versatile, real-time aerial perspectives, enabling efficient monitoring of challenging terrains, and ensuring the safety of our workforce.

Monitoring inaccessible areas is also an advantage of this advanced technology. On the other hand, the drones are equipped with photo and video-capturing capabilities, with an impressive range of 15-20 kilometers. Additionally, the company aims to install thermal vision cameras on drones to identify heat-up spots in electrical equipment, further ensuring safety measures.

## Rayagada APSCC



The inauguration of the APSCC in Rayagada was conducted by Mr. Amit Kumar Garg, the CEO. With this inauguration, TPSODL became the only utility in Odisha to deploy advanced Area Power System Control Centers (APSCCs) across all its circles.

# Event Hub

## ଟିପିଏସ୍ଓଡିଏଲରେ ଶ୍ରୀ ଜାମସେଦଜୀ ଟାଟାଙ୍କ ୧୮୫ତମ ଜନ୍ମ ବାର୍ଷିକୀ ପାଳିତ :



ଟିପିଏସ୍ଓଡିଏଲ୍‌ରେ ଭାରତୀୟ ଶିଳ୍ପର ପୁରୋଧା ଶ୍ରୀ ଜାମସେଦଜୀ ନୁସରୱାନଜୀ ଟାଟାଙ୍କ ୧୮୫ତମ ଜନ୍ମ ବାର୍ଷିକୀ ପାଳିତ ହୋଇଛି। କର୍ପୋରେଟ ଅଫିସ ସମେତ ଟିପିଏସଓଡ଼ିଏଲର ଅନ୍ୟାନ୍ୟ ଅଫିସଗୁଡ଼ିକରେ ମଧ ଏହାକୁ ପାଳନ କରାଯାଇଛି। ଉତ୍ସବକୁ ସ୍ମରଣୀୟ କରିବା ପାଇଁ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗଙ୍କ ମାର୍ଗଦର୍ଶନରେ ୩୦ରୁ ଉର୍ଦ୍ଧ୍ୱ କର୍ମଚାରୀ ମାରିଲାକ ମେର୍ସି ହୋମ୍ ପରିଦର୍ଶନ କରିବା ସହ ବିଭିନ୍ନ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ସ୍ୱେଚ୍ଛାସେବୀମାନେ ବାସିନ୍ଦାଙ୍କ ଦୈନନ୍ଦିନ ଜୀବନରେ ବ୍ୟବହାର ପାଇଁ କିଛି ଜରୁରୀ ସାମଗ୍ରୀ, କପଡ଼ା ଓ ଖାଦ୍ୟ ବଣ୍ଟନ କରିଛନ୍ତି।

## 'Ullas', the Annual Fest Celebrated

TPSODL celebrated its much-awaited annual fest "Ullas", bringing together employees and their families for a day of joy and cultural celebration. The event featured a vibrating array of performances like music, dance and play, where our employees and their family members showcased their talent. This event celebrates the differences and reminds the strength of TPSODL that comes from embracing diversity in all its forms.




## Sports meet for its BA employees

TPSODL held its 1st BA Sports Meet, where our 120 business associate employees were engaged in a competitive atmosphere.

The event featured various sports categories such as the 100M race, Long Jump, Shot Put, Discus Throw, and Tug of War, showcasing the talents and sportsmanship of our BA employees. We Congratulate all participants for their contribution to the success of this event and Special appreciation to the winners and runners-up. This event is a testament to TPSODL's strengthened Partnerships and spirit of camaraderie and collaboration.



## Inauguration of State-of-the-Art Technology Lab



As a part of its initiatives to drive technological advancement in power distribution, a cutting-edge Technology Lab has been inaugurated by TPSODL in Ambagada, Berhampur.

The inauguration ceremony was graced by the presence of Mr. Amit Kumar Garg, CEO of TPSODL, and Mr. Gajanan Kale, CEO of TPWODL (TP Western Odisha Distribution Ltd.) and Mr. Biman Kumar Ghosh, Chief-Technology, TPSODL.

The Technology Lab boasts state-of-the-art facilities, including RTU simulation & analyser test bench, DC voltage current balancing stabilizer, and internally developed FRTU & RTU systems. This will serve as a critical hub for research and experimentation, underlining the vital role of technology in building a resilient and forward-thinking power distribution.



## In Focus

# ସୁନାବେଡ଼ାରେ ନୂତନ ସବ ଡିଭିଜନ୍ କାର୍ଯ୍ୟାଳୟ

ଟିପିଏସ୍‌ଓଡିଏଲ୍ ନିଜର ଭିତ୍ତିଭୂମି ବିକାଶକୁ ପ୍ରାଥମିକତା ଦେଇ ସୁନାବେଡ଼ା ସବ-ଡିଭିଜନ୍ କାର୍ଯ୍ୟାଳୟ ଉଦଘାଟନ କରିଛି। କୋରାପୁଟ ଡିଭିଜନ୍ ଅଧିନରେ ଥିବା ଏହି ସହର ବକ୍ସାଇଟ୍ ପାଇଁ ଜଣାଶୁଣା। ନୌସେନା ଅସ୍ତ୍ରଶସ୍ତ୍ର ଡିପୋ, ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଭଳି ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ତଥା ପ୍ରତିଷ୍ଠାନ ଏଠାରେ ଅବସ୍ଥିତ । ପାହାଡ଼ ଜଙ୍ଗଲ ଘେରା ସୁନାବେଡ଼ାର ଭୌଗୋଳିକ ପରିବେଶ ବିଜୁଳି ଯୋଗାଣକୁ ଏକ ବଡ଼ ଆହ୍ୱାନରେ ପରିଣତ କରିଛି । ବିଜୁଳି ଯୋଗାଣକୁ ସହଜ ଓ ସୁବିଧାଜନକ କରିବା କ୍ଷେତ୍ରରେ ଏହି ନୂତନ ସବ-ଡିଭିଜନ୍ ବିଶେଷ ଭାବେ ସହାୟକ ହେବ ।



ଏହି ନୂତନ ସବ-ଡିଭିଜନ୍ କାର୍ଯ୍ୟାଳୟକୁ ଟାଟା ପାୱାର ସଞ୍ଚାରଣ ଓ ବିତରଣ ସଭାପତି ଶ୍ରୀ ସଞ୍ଜୟ ବାଙ୍ଗା ଉଦଘାଟନ କରିଛନ୍ତି । ଆବଶ୍ୟକୀୟ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗରେ ଏହି କାର୍ଯ୍ୟାଳୟ ନିର୍ମାଣ ହୋଇଛି । ଏହାସହ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ ଗର୍ଗ, ଜୟପୁର ସର୍କଲ ହେଡ୍ ମନ୍ମଥନାଥ ମିଶ୍ର, କୋରାପୁଟ ଡିଭିଜନ୍ ନିର୍ବାହୀ ଯନ୍ତ୍ରୀ ଭଗବାନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।



**ଟିପିଏସ୍‌ଓଡିଏଲ୍ ପକ୍ଷରୁ ଋତୁସ୍ରାବ ସମ୍ପର୍କିତ ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ପ୍ରସଙ୍ଗରେ ଆୟୋଜିତ କର୍ମଶାଳାରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ସାମିଲ ହୋଇଥିଲେ**



# ପ୍ରକୃତିର ଅନନ୍ୟ ଉପହାର 'ଗୁପ୍ତେଶ୍ୱର'

ପ୍ରକୃତିର ସୌନ୍ଦର୍ଯ୍ୟ ଓ ଆଧ୍ୟାତ୍ମିକତାର ମିଳନ ସ୍ଥଳ-ଗୁପ୍ତେଶ୍ୱର । ପାହାଡ଼ ଘେରା ଜଙ୍ଗଲ ଭିତରେ ବହିଯାଉଛି ଖରସ୍ରୋତା ଶାବରୀ ନଦୀ । ଅନୁକୂଳ ପରିବେଶ ଥିବାରୁ ଏହା ବିଭିନ୍ନ ପ୍ରଜାତିର ପଶୁପକ୍ଷୀ ଓ ଦୁର୍ଲଭ ଗଛଲତାଙ୍କ ବାସସ୍ଥାନ ପାଲଟିଛି । ଗୁପ୍ତେଶ୍ୱରର ପ୍ରାକୃତିକ ବିବିଧତାକୁ ବିଚାର କରି ଗୁପ୍ତେଶ୍ୱର ବନାଞ୍ଚଳକୁ ଜୈବ ବିବିଧତା ଐତିହ୍ୟସ୍ଥଳ ମାନ୍ୟତା ମିଳିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟ୍ୱିଟ୍ କରି ଏକଥା ଜଣାଇଛନ୍ତି ।

ପ୍ରାୟ ୩୫୦ ହେକ୍ଟର ପରିମିତ ଅଞ୍ଚଳରେ ଏହି ସଂରକ୍ଷିତ ଜଙ୍ଗଲ ବ୍ୟାପ୍ତ । ୬୦୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପ୍ରାଣୀ ଅଛନ୍ତି । ଏଠାରେ ୨୮ ପ୍ରକାର ସ୍ତନ୍ୟପାୟୀ ପ୍ରାଣୀ, ୧୮ ପ୍ରଜାତିର ଉଭୟଚର, ୧୮ ପ୍ରଜାତିର ପକ୍ଷୀ ଓ ୪୮ ପ୍ରକାର ସରୀସୃପ ଦେଖିବାକୁ ମିଳେ । ବିଶେଷ କରି କୁମ୍ଭୀର, ବାଜ ପକ୍ଷୀ, କାଠ ହଣା, କୋଇଲି ଆଦି ଜୀବ ଦେଖାଯାଆନ୍ତି । ଶୈବପୀଠ ଗୁପ୍ତେଶ୍ୱରର ଅନ୍ୟ ଏକ ପାର୍ଶ୍ୱରେ ସ୍ୱର୍ଗଦ୍ୱାର ଗୁମ୍ଫା ଓ ପାରାଭାଡ଼ି ଗୁମ୍ଫା ରହିଛି । ଏହି ଚୂନପଥର ଗୁମ୍ଫାଗୁଡିକ ୮ଟି ପ୍ରଜାତିର ବାଦୁଡ଼ିଙ୍କ ବାସସ୍ଥଳୀ । ଏମାନଙ୍କ ଭିତରୁ କିଛି ପ୍ରଜାତି ଇଣ୍ଟରନ୍ୟାସନାଲ ୟୁନିୟନ ଫର୍ କନଜର୍ଭେସନ ଅଫ୍ ନେଚରରେ ବିଲୁପ୍ତପ୍ରାୟ ଶ୍ରେଣୀରେ ସ୍ଥାନିତ ହୋଇଛନ୍ତି ।



ଏହାସହ ଗୁପ୍ତେଶ୍ୱର ଜଙ୍ଗଲରେ ୬୧୫ ପ୍ରଜାତିର ଗଛଲତା ଓ ଅନେକ ପ୍ରକାରର ଦୁର୍ଲଭ ଔଷଧୀୟ ବୃକ୍ଷ ରହିଛି । ଏଠାରେ ୧୮୨ ପ୍ରକାର ବୃକ୍ଷ, ୧୭୭ ପ୍ରକାର ତୃଣ, ୭୬ ପ୍ରଜାତିର ଗୁଳ୍ମ, ୧୪ ପ୍ରଜାତିର ଅର୍କିଡ୍ ଗଛ ଓ ବିଭିନ୍ନ ପ୍ରକାର ଲୁପ୍ତପ୍ରାୟ ଔଷଧୀୟ ଗଛ ରହିଛି । ଏଠାରେ ଶ୍ୟୋନକ, ସର୍ପଗନ୍ଧା, ଗନ୍ଧାଳି ଓ ରୋହିତୁକା ସହ ଅନେକ ପ୍ରଜାତିର ଜଙ୍ଗଲି ଗଛ ଦେଖିବାକୁ ମିଳେ ।

କୋରାପୁଟ ଜିଲ୍ଲା ମହକୁମାଠାରୁ ଏହାର ଦୂରତା ପ୍ରାୟ ୮୦ କିମି । ଜୟପୁର ସହରରୁ ବୈପାରୀଗୁଡ଼ା-ରାମଗିରି ରାସ୍ତା ଦେଇ ଗୁପ୍ତେଶ୍ୱରରେ ପହଞ୍ଚିପାରିବେ । ଜୈବ ବିବିଧତା ଐତିହ୍ୟସ୍ଥଳ ମାନ୍ୟତା ମିଳିବା ପରେ ଏଠାରେ ଥିବା ପ୍ରାଣୀ ଓ ଦୁର୍ଲଭ ଔଷଧୀୟ ଗଛର ସଂରକ୍ଷଣ କରାଯିବ । ଗୁପ୍ତେଶ୍ୱରର ଜୈବ ବିବିଧତା ସମ୍ପର୍କରେ ଅନୁସନ୍ଧାନ କରିବା ପାଇଁ ପ୍ରକୃତି ପ୍ରେମୀ ଓ ଗବେଷକଙ୍କ ପାଇଁ ଏଠାରେ ପର୍ଯ୍ୟାପ୍ତ ସୁଯୋଗ ରହିଛି ।



# IN NEWS


TPSODL commemorates Lineman Diwas, launches National Safety Week

ଟିପିଏସ୍ଓଡିଏଲ୍‌କୁ ଶ୍ରେଷ୍ଠ ସିଏସ୍ଆର ପ୍ରୋଜେକ୍ଟ ଅଫ୍ ଦି ଇୟର ପୁରସ୍କାର

TPSODL Signs MoU with Government ITI Jeypore

Berhampur (Arunima): In a move to promote skill development and safety practices, TPSODL (TP Southern Odisha Distribution Limited) has signed a Memorandum of Understanding (MoU) with Government ITI Jeypore. This aims to create a linkage bet-

systems. "Enhancing the skills of the future workforce is the primary focus of this initiative. Collaborations like this will undoubtedly help to shape a high-quality professional workforce in the future. Our culture of skill development and safety standards will empower them," said Amit Kumar Garg, CEO of TPSODL. This is the 4th Industrial Training Institute with whom

Energy awareness

'Club Enerji' session held at Chhatrapur school

ଗ୍ରୀଷ୍ମରେ ସର୍ବୋଚ୍ଚ ବିଜୁଳି ଚାହିଦା ୮୨୦ ମେଗାୱାଟ୍ ଆକଳନ

TPSODL empowers local manufacturers in southern Odisha

PBD BUREAU
BERHAMPUR, JAN 6

is the setting up of new pre-stressed concrete (PSC) poles manufacturing units

TPSODL gears up enforcement drive against power theft

ଟିପିଏସ୍ଓଡିଏଲ୍ ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ ୫୫ ୟୁନିଟ ରକ୍ତ ସଂଗ୍ରହ

ଟିପିଏସ୍ଓଡିଏଲ୍‌କୁ ମିଳିଲା 'ବେଷ୍ଟ ସିଏସ୍ଆର୍ ପ୍ରୋଜେକ୍ଟ ଅଫ୍ ଦି ଇୟର' ଆୱାର୍ଡ

**TPSODL**

**TP SOUTHERN ODISHA**
**DISTRIBUTION LIMITED**
(A Joint Venture of Tata Power and Government of Odisha)

***Get in Touch With us:***
*corpcomm@tpsouthernodisha.com*

/TPSODL @TPSODL /tp_sodl @tpsodl /tpsodl